# Akashvani, Sambalpur

## SAMBALPURI NEWS MORNING BULLETIN

## 30 August 2026 - 6.47- 6.52 am.

---

ମନ୍ କି ବାତ୍          ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ଦିଆନିଆ କର୍‌ବେ । ଇଟା ତାଙ୍କର୍ ଶହେ ୩୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଜାତୀୟ କ୍ରୀଡ଼ାଦିବସ୍-ମୁଖ୍ୟମନ୍ତ୍ରୀ ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ୨୦୨୫ ବଛର୍ ଲାଗି ବିଜୁ ପଟ୍ଟନାୟକ୍ କ୍ରୀଡ଼ା ଆଉ ସାହସିକତା ପୁରସ୍କାର୍ ଦେଇଛନ୍ । ନୟାଗଡ୍ ଜିଲ୍ଲାର୍ ସୌମ୍ୟରଞ୍ଜନ୍ ବେହେରାଙ୍କୁ ବିଜୁ ପଟ୍ଟନାୟକ୍ ସାହସିକତା ପୁରସ୍କାର୍ ସହେତେ ଯାଜ୍‌ପୁର୍ ଜିଲ୍ଲାର୍ ସ୍ୱର୍ଗତ ନୀଳମାଧବ୍ ପଣ୍ଡା ଆଉ ସୁନୀଲ୍ କୁମାର୍ ରାୟଙ୍କୁ ମରଣୋତର୍ ସାହସିକତା ପୁରସ୍କାର୍ ଦିଆଯାଇଛେ । ଇତାର୍‌ସହେତେ ସର୍ବୋତମ୍ କ୍ରୀଡ଼ା ପ୍ରୋତ୍ସାହନ୍ ସଂସ୍ଥା ଭାବେ ସମ୍ବଲ୍‌ପୁର୍‌ର ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ୍ ପୁରସ୍କୃତ୍ ହେଇଛେ । କ୍ଲବ୍‌ର ଅଧ୍ୟକ୍ଷ ଆଉ ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ପୁରସ୍କାର୍ ଗ୍ରହଣ୍ କରିଛନ୍ । ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ କନ୍‌ଭେନ୍‌ସନ୍ ସେଂଟର୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ଜାତୀୟ କ୍ରୀଡ଼ାଦିବସ୍ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ପଡ଼ିଆ ନୁ ପୋଡ଼ିୟମ୍ ଆଉ ଖେଲ୍‌ବା ଓଡ଼ିଶା -ଜିତ୍‌ବା ଓଡ଼ିଶା ମନ୍ତ୍ରଥି ରାଜ୍ୟକେ ବିଶ୍ୱ କ୍ରୀଡ଼ା ରାଜ୍‌ଧାନୀ କରାଯିବା ।

ରାଜସ୍ୱ ମନ୍ତ୍ରୀ- ଆରାଇଜ୍ ବୈଠକ୍        ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶା ସମୁଦ୍ର ଖଁଡ଼ିର୍ ସୁରକ୍ଷା, ଜଲ୍‌ବାୟୁ ପରିବର୍ତନ୍ ଲାଗି ହେଉଥିବା ବିପଦ୍‌ର ମୁକାବିଲା ଆଉ ସେନର୍ ଇଲାକାର୍ ସ୍ଥାୟୀ ଆର୍ଥିକ୍ ବିକାଶ୍‌କେ ଅଏତ୍‌କା ବର୍‌କସ୍ କର୍‌ବାର୍‌କେ ନେଇକରି ଅର୍ଥନୀତିଥି ଉପକୂଳ ପ୍ରଣାଲୀର୍ ଲାଗି ଅନୁକୂଳନ୍ ସ୍ଥିରତା ନିବେଶ୍ ପ୍ରକଳ୍ପ-ଆରାଇଜ୍ ବାବଦ୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜସ୍ୱ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ସମୁଦ୍ରଖଁଡ଼ି ଇଲାକାକେ ଅବକ୍ଷୟ ନୁ ସୁରକ୍ଷା ସହେତେ ଭିନ୍ ଭିନ୍ ବିଷେ ବାବ୍‌ଦେ ଇ ପ୍ରକଳ୍ପର୍ କାର୍ଯ୍ୟକାରିତାକେ ନେଇକରି ଜୋର୍ ଦିଆଯାଇଛେ ।

ଏଫ୍‌ସିଆଇ ଇଣ୍ଡିଆ-ୟୁନିଟ୍        ଆଇ ଆଣ୍ଡ୍ ପି.ଆର୍

ଏଫ୍‌ସିଆଇ ଇଣ୍ଡିଆର ଗୁଟେ ପ୍ରତିନିଧି ଦଲ୍ ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ ଆଉ କୃଷି ଆଉ କୃଷକ୍ ସଶକ୍ତିକରଣ୍ ମନ୍ତ୍ରୀ କନକ୍

ବର୍ଦ୍ଧନ୍ ସିଂହଦେଓଙ୍କୁ ଭେଟିକରି ଓଡ଼ିଶା ନ ଗୁଟେ ୟୁନିଟ୍ ଥାପ୍‌ନା ଲାଗି ଆଲୋଚନା କରିଛନ୍ । ଇ ଅବ୍‌ସରେ ରାଏଜେ କୃଷି କ୍ଷେତ୍ରଥି ରାସାୟନିକ୍ ସାର୍‌ର ବେଭାର୍ କମାବାର୍ ସହେତେ ଜୈବିକ୍ ଚାଷ୍‌କେ ପ୍ରୋତ୍ସାହନ୍ ଉପ୍‌ରେ ଜୋର୍ ଦିଆଯିବାର୍ ବାବ୍‌ଦେ ଆଲୋଚନା କରାଯାଇଛେ । ଇତାର୍ ସହେତେ ରାଏଜେ ଏଫ୍‌ସିଆଇର ୟୁନିଟ୍ ଆଉ ଫର୍ଟିଲାଇଜର୍ ଏକାଡେମୀ ଥାପ୍‌ନା ବାବ୍‌ଦେ ଭିଲ୍ ଆଲୋଚନା ହେଇଛେ । ଇଟା ଥାପ୍‌ନା ହେଲେ ରାଏଜେ ପୁର୍‌ଥିର୍ ୨ ନମ୍ବର୍ କେନ୍ଦ୍ର ହେବା ବଲି ବୈଠକ୍‌ନୁ ଜନାପଡ଼ିଛେ ।

ମୁଖ୍ୟ ଶାସନ୍ ସଚିବ-ପ୍ରୟାସ୍ ବୈଠକ୍    ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ପ୍ରୟାସ୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ବିଦ୍ୟାଳୟ ଆଉ ଗଣଶିକ୍ଷା, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍, ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍‌ର ଭିନ୍ ଭିନ୍ ସୂଚକ ମାନ୍‌କର୍ ସମୀକ୍ଷା କରାଯାଇଛେ । ତଥ୍ୟ ଭିତିକ ସମୀକ୍ଷା ସହେତେ ଜିଲ୍ଲାସ୍ତର୍

ନ ଚିହ୍ନଟ୍ ହେଇଥିବା ସମସ୍ୟାର୍ ସମାଧାନ୍ ଆଉ ନିରନ୍ତର୍ ଅନୁଧ୍ୟାନ୍ ଉପ୍ରେ ଜୋର୍ ଦିଆଯାଇଛେ । ଶିକ୍ଷା, ପୋଷଣ୍, ମାତୃଶିଶୁ ସ୍ୱାସ୍ଥ୍ୟ ଆଉ ଯକ୍ଷ୍ମା ନିରାକରଣ୍ ଦିଆଯାଇଛେ । ସାମାଜିକ୍ କ୍ଷେତ୍ରର୍ ସେବାକେ ଆହୁରି ବର୍କସ୍ ଆଉ ଲୋକାଭିମୁଖୀ କର୍ବାର୍ ଉପ୍ରେ ପ୍ରାଥମିକତା ଦିଆଯାଇଛେ ।

ମେଲେରିଆ ନିରାକରଣ-ବୈଠକ୍ ଆଇ ଆଣ୍ଡ୍ ପି.ଆର୍

ମେଲେରିଆ ନିରାକରଣ୍ ଲାଗି ରାଜ୍ୟ ବୈଷୟିକ ଟାସ୍କଫୋର୍ସର ବୈଠକ୍ ଭୁବ୍ନେଶ୍ୱର୍ ଖାରବେଳ ଭବନ୍ ନ ହେଇଯାଇଛେ । ସ୍ୱାସ୍ଥ୍ୟସଚିବ ଅଶ୍ୱତୀ ଏସ୍. ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ରାଏଜେ ମେଲେରିଆ ସ୍ଥିତି ବାବ୍ଦେ ସମୀକ୍ଷା କରାଯାଇଛେ । ମଲେରିଆ ମାମ୍ଲା ସଂଖ୍ୟା ଦୃଷ୍ଟିନୁ ମାଲ୍କାନ୍ଗିରି ଜିଲ୍ଲାକେ ଖାସ୍ ଜୋର୍ ଦିଆଯାଇଛେ । ବୈଠକ୍ଥି ମେଲେରିଆ ମାମ୍ଲା ଆଉ ମୃତ୍ୟୁ ରୁକ୍ବାର୍ ସହେତେ ଓଡ଼ିଶାର୍ ମେଲେରିଆ ନିରାକରଣ୍ ଲକ୍ଷ୍ୟକେ ତୁର୍ତି କର୍ବାର୍ ଲାଗି ସ୍ୱାସ୍ଥ୍ୟ ବିଭାଗ୍ ଆଉ ଅଲ୍ଗା

ସହଯୋଗୀ ବିଭାଗ୍ ମାନ୍‌କର୍ ଭିତ୍‌ରେ ତାଲ୍‌ମେଲ୍ ରଖ୍‌ବାର୍ ବହୁତ୍ ଜରୁରୀ ଆଏ ବଲି ବୈଠକ୍‌ଥି ଆଲୋଚନା ହେଇଛେ ।

ଦନ୍ତ ଚିକିତ୍ସକ-ପ୍ରୋତ୍ସାହନ୍ ଘୋଷ୍‌ନା ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ସର୍‌କାର୍‌ଙ୍କର୍ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଦନ୍ତ ଚିକିତ୍ସକ୍ ମାନ୍‌କର୍ ଲାଗି ପ୍ରୋତ୍ସାହନ୍ ଘୋଷ୍‌ନା କରାଯାଇଛେ । ସର୍‌କାର୍‌ଙ୍କର୍ ନୂଆଁ ନିଷ୍ପତି ଅନ୍‌ସାରେ ଏନ୍‌ଏମ୍‌ସି ତର୍‌ଫୁ ସ୍ୱୀକୃତି ପାଇଥିବା ମେଡ଼ିକାଲ୍ କଲେଜ୍‌ନୁ ପୋଷ୍ଟ ଗ୍ରାଜୁଏସନ୍ ଯୋଗ୍ୟତା ହାସଲ୍ କରିଥିବା ଆଉ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ଅଧୀନ୍‌ଥି କାର୍ଯ୍ୟରତ ଦନ୍ତ ଚିକିତ୍ସକ୍‌ମାନ୍‌କୁ ଫି' ମାସ ୨୦ ହଜାର୍ ଟଙ୍କା ପ୍ରୋତ୍ସାହନ୍ ଦିଆଯିବା । ଇଥିର୍‌ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଇତାକେ ରାଜ୍ୟ ଅର୍ଥ ବିଭାଗ୍ ଅନୁମୋଦନ୍ କରିଛେ ।

ବେଲାଭୂମି ଦିବସ ଆର୍‌ଏନ୍‌ୟୁ/ କଟକ୍

ସମୁଦ୍ର ଖଁଡ଼ିର୍ ସୌନ୍ଦର୍ଯ୍ୟକେ ଉପଭୋଗ୍ କର୍‌ବାର୍ ଆଉ ସମୁଦ୍ରଖଁଡ଼ିକେ ସଫାସୁତ୍‌ରା ରଖ୍‌ବାର୍ ଦିଗେ ସଚେତନ୍ କର୍‌ବାର୍‌କେ ଆଏଜ୍ ବେଲାଭୂମି ଦିବସ୍ ପାଲନ୍ କରାଯାଉଛେ । ସମୁଦ୍ର ଖଁଡ଼ିକେ ସଫେଇ, ସଂରକ୍ଷଣ୍ ଆଉ ସାମୁଦ୍ରିକ ଜୀବଜନ୍ତୁଙ୍କର୍ ସୁରକ୍ଷା ଲାଗି କାମ୍ କରୁଥିବା ସ୍ୱେଚ୍ଛାସେବୀମାନ୍‌କୁ ତହଁକାବାର୍ ଲକ୍ଷ୍ୟଥି ୨୦୧୪ ମସିହାନୁ ଇ ଦିବସ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ଆଉ ତାକେ ଲାଗି କରି ଥିବା ପଶ୍ଚିମବଙ୍ଗ୍, ବାଂଲାଦେଶ୍ ସମୁଦ୍ରଖଁଡ଼ି ନ ହେଇଥିବା ଘୂର୍ଣ୍ଣିବଲୟ ଅଏତ୍‌କା ଘନୀଭୂତ ହେଇଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ପଶ୍ଚିମବଙ୍ଗ୍ ଆଉ ଉତର୍ ଓଡ଼ିଶା ସମୁଦ୍ରଖଁଡ଼ି ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ବାଲେଶ୍ୱର୍, କେନ୍ଦୁଝର୍ ଆର୍ ମୟୁର୍‌ଭଞ୍ଜ୍ ଜିଲ୍ଲା ନ ଜବର୍‌ନୁ ଜବର୍ ବର୍ଷା ହେବା ବଲି

ଭୁବ୍‌ନେଶ୍ୱର୍ ଅାଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।  ଇ ସମିଆଥି ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ସହେତେ ୮ ଟା ଜିଲ୍ଲା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।